# NATIONAL NEWS BULLETIN (ODIA)

## 14 February - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଆସାମରେ ୫ ହଜାର ୪୫୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ।
- ପାଞ୍ଚ ବର୍ଷ ମଧ୍ୟରେ ସହରାଞ୍ଚଳ କ୍ଷେତ୍ର ପାଇଁ ମୋଟ୍ ୪ ଲକ୍ଷ କୋଟି ଟଙ୍କାର ନିବେଶକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ।
- ଯାତ୍ରୀବାହୀ ଟ୍ରେନ୍‌ର ସାଧାରଣ ବଗିଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପରିଷ୍କାର ପରିଚ୍ଛନ୍ନ କରିବା ନେଇ ରେଳମନ୍ତ୍ରୀଙ୍କ ସୂଚନା ।
- ବାଂଲାଦେଶରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଆଗାମୀ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ହେବ ବୋଲି କହିଲେ ବି.ଏନ୍.ପି. ଅଧ୍ୟକ୍ଷ ତାରିକ୍ ରହମନ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ତୃତୀୟ ମ୍ୟାଚ୍ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଜାରି ।

# ପିଏମ୍-ଆସାମ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମରେ ୫ ହଜାର ୪୫୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶୁଭାରମ୍ଭ କରିଛନ୍ତି । ଗୁଆହାଟୀଠାରେ ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ କୁମାର ଭାସ୍କର ବର୍ମା ସେତୁର ଶ୍ରୀ ମୋଦୀ ଉଦ୍‌ଘାଟନ କରିଛନ୍ତି । ଏଥିପାଇଁ ୩ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି । ସେତୁ ଉଦ୍‌ଘାଟନ ପରେ ଶ୍ରୀ ମୋଦୀ ନିକଟବର୍ତ୍ତୀ ଲାଚିତ ଘାଟକୁ ପରିଦର୍ଶନରେ ଯାଇଥିଲେ । କାମରୁପ ଜିଲ୍ଲା ଅମିନଗାଓ ଠାରେ ଆଇ.ଆଇ.ଏମ୍. ଗୁଆହାଟୀର ଅସ୍ଥାୟୀ କ୍ୟାମ୍ପସ୍ ଏବଂ ଉତ୍ତର ପୂର୍ବ କ୍ଷେତ୍ର ପାଇଁ ଜାତୀୟ ତଥ୍ୟ କେନ୍ଦ୍ରକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି ।

ଶ୍ରୀ ମୋଦୀ ଦେଶର ଚାରୋଟି ସହର ପାଇଁ ପି.ଏମ୍. ଇ-ବସ୍ ସେବା ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ୨୨୫ଟି ବୈଦ୍ୟୁତିକ ବସ୍ ଗୁଆହାଟୀ, ନାଗପୁର, ଭାବନଗର ଏବଂ ଚଣ୍ଡିଗଡ଼ ପାଇଁ ଚଳାଚଳ କରିବ । ଆସାମକୁ ଦିନିକିଆ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ଗୁଆହାଟୀଠାରେ ବୁଥ୍ ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧନ କରିଛନ୍ତି । ସେ କହିଛନ୍ତି, ଆସାମ ସମେତ ସମଗ୍ର ଉତ୍ତର ପୂର୍ବ ଅଞ୍ଚଳ ଭାରତର ଅଷ୍ଟଲକ୍ଷ୍ମୀ । ଗତ ୧୧ ବର୍ଷ ମଧ୍ୟରେ ବିଜେପି

ନେତୃତ୍ୱାଧୀନ ଏନ୍.ଡି.ଏ. ସରକାର ଅଧୀନରେ ଉତ୍ତର ପୂର୍ବ କ୍ଷେତ୍ରରେ ବିକାଶ ତ୍ୱରାନ୍ୱିତ ହୋଇଛି ।

ଉତ୍ତର ପୂର୍ବାଞ୍ଚଳକୁ ସାଢ଼େ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଗତ ୧୧ ବର୍ଷ ମଧ୍ୟରେ ଆବଣ୍ଟନ କରାଯାଇଛି । ଫଳରେ ଏହି ଅଞ୍ଚଳରେ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି । ଆସନ୍ତା ଆର୍ଥିକ ବର୍ଷ ପାଇଁ ଟିକସ ବାବଦରେ ଆସାମ ପାଇଁ ରେକର୍ଡ଼ ପରିମାଣ ୪୯ ହଜାର ୭୨୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହାଦ୍ୱାରା ରାଜ୍ୟରେ ନଦୀ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯିବ । **VO-PM-NE-CONNECTIVITY**

ଶ୍ରୀ ମୋଦୀ ଆଜି ପୂର୍ବାହ୍ନରେ ଡିବ୍ରୁଗଡ଼ ଜିଲ୍ଲା ଅନ୍ତର୍ଗତ ଜାତୀୟ ରାଜପଥ ପାର୍ଶ୍ୱରେ ବିକଶିତ ମୋରାନ୍ ବାଇପାସ୍‌ରେ ଜରୁରୀକାଳୀନ ଅବତରଣ ସୁବିଧାର ଉଦ୍‌ଘାଟନ କରିଛନ୍ତି ।

# କ୍ୟାବିନେଟ୍ ବ୍ରିଫିଙ୍ଗ୍

କ୍ୟାବିନେଟ୍ ବୈଠକ ଗୁଡ଼ିକ ସେବାତୀର୍ଥଠାରେ ଏଣିକି ଅନୁଷ୍ଠିତ ହେବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଆଜି ସମ୍ବୋଧନ କରି ଶ୍ରୀ ବୈଷ୍ଣବ କହିଛନ୍ତି, ସାଉଥ୍ ବ୍ଲକ୍‌ରେ ଗତକାଲି ଶେଷ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ

ହୋଇଛି । ଏଥିରେ ଏକ ସଂକଳ୍ପ ଗୃହୀତ ହୋଇଛି । ଭାରତୀୟଙ୍କୁ ଦାସତ୍ୱର ଶୃଙ୍ଖଳରେ ବାନ୍ଧି ରଖିବା ପାଇଁ ତତ୍କାଳୀନ ବ୍ରିଟିଶ ସାଉଥବ୍ଲକ୍ ଏବଂ ନର୍ଥ୍ ବ୍ଲକ ନିର୍ମାଣ କରିଥିଲେ । ସ୍ୱାଧୀନତା ପରେ ସାଉଥ୍ ବ୍ଲକରେ ଅନେକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେ କହିଛନ୍ତି, ଡିଜିଟାଲ ଇଣ୍ଡିଆ ଏବଂ ଜିଏସଟି ଭଳି ପ୍ରମୁଖ ସଂସ୍କାରମୂଳକ ପଦକ୍ଷେପ ଦେଶରେ ସର୍ବନିମ୍ନ ସରକାର-ସର୍ବାଧିକ ଶାସନ ପଦ୍ଧତିକୁ ପ୍ରେରଣା ପ୍ରଦାନ କରିଆସିଛି । ସର୍ଜିକାଲ୍ ଷ୍ଟ୍ରାଇକ୍ ଏବଂ ଅପରେସନ ସିନ୍ଦୂର ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ସାଉଥ୍ ବ୍ଲକରେ ଗ୍ରହଣ କରାଯାଇଥିଲା ବୋଲି ସେ କହିଛନ୍ତି ।

**VO- (Aswin Sebatirtha)**

ଉତ୍ତର ଓ ଦକ୍ଷିଣ ବ୍ଲକ ଆଗକୁ ଯୁଗଯୁଗୀନ ଭାରତ ସଂଗ୍ରହାଳୟର ଏକ ଅଂଶ ବିଶେଷ ହୋଇ ରହିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**VO- (Aswin Rail)**

ଏକ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ସହିତ ସହରାଞ୍ଚଳ ମୁକାବିଲା ପାଣ୍ଠି ଆରମ୍ଭ କରିବାକୁ କ୍ୟାବିନେଟ୍ ଗତକାଲିର ବୈଠକରେ ମଞ୍ଜୁରୀ ପ୍ରଦାନ କରିଛି । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ସହରାଞ୍ଚଳ କ୍ଷେତ୍ରରେ ମୋଟ୍ ୪ ଲକ୍ଷ କୋଟି ଟଙ୍କାର ନିବେଶ କରାଯିବ । ସ୍ଥାୟୀ, ଉତ୍ପାଦକ ସମ୍ପନ୍ନ, ସମାବେଶୀ ଏବଂ ଜଳବାୟୁ ପ୍ରତିକ୍ରିୟାଶୀଳ ସହର ନିର୍ମାଣ କରିବା ଏହି ପାଣ୍ଠିର ମୁଖ୍ୟ ଉଦ୍ଦେଶ୍ୟ । ଦେଶର ଆର୍ଥିକ ଅଭିବୃଦ୍ଧିକୁ ଅଧିକ ଗତିଶୀଳ କରିବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ

ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି । ଦେଶରେ ବୃଦ୍ଧି ପାଉଥିବା ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌କୁ ପ୍ରୋତ୍ସାହନ କରିବା ଲକ୍ଷ୍ୟ ନେଇ କେନ୍ଦ୍ର କ୍ୟାବିନେଟ୍ ନିଶ୍ଚିତ ଲାଭଯୁକ୍ତ ବ୍ୟାବସାୟିକ ନିବେଶ ପାଣ୍ଠି ସଂଗ୍ରହ କରିବା ପଦକ୍ଷେପକୁ ମଞ୍ଜୁରୀ ପ୍ରଦାନ କରିଛି । ଏଥିପାଇଁ ୧୦ ହଜାର କୋଟି ଟଙ୍କାର ମୋଟ୍ କର୍ପସ୍ ପାଣ୍ଠି ସହିତ ଷ୍ଟାର୍ଟଅପ୍ ଇଣ୍ଡିଆ 'ଫଣ୍ଡ ଅଫ୍ ଫଣ୍ଡ' ଦ୍ୱିତୀୟ ପର୍ଯ୍ୟାୟକୁ ଅନୁମୋଦନ କରାଯାଇଛି । ଦେଶ ବ୍ୟାପି ନବସୃଜନ ନେତୃତ୍ୱାଧୀନ ଉଦ୍ୟୋଗକୁ ଏହା ସହାୟକ ସାବ୍ୟସ୍ତ ହେବ ବୋଲି ଆକଳନ କରାଯାଇଛି ।

## ରେଲୱେ-ରିଫର୍ମସ୍

ଯାତ୍ରୀବାହିନୀ ଟ୍ରେନ୍‌ର ସାଧାରଣ ବଗିଗୁଡ଼ିକୁ ପ୍ରଥମ ଶ୍ରେଣୀ ବଗି ଭଳି ସମୟ ନିର୍ଘଣ୍ଟ ଆଧାରରେ ପରିଷ୍କାର ପରିଚ୍ଛନ୍ନ କରାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ପ୍ରତି ୧ରୁ ଦେଢ଼ଘଣ୍ଟା ବ୍ୟବଧାନରେ ବଗି ପରିଷ୍କାରକୁ ସୁନିଶ୍ଚିତ କରିବା ପାଇଁ ଉତ୍ସର୍ଗୀକୃତ କର୍ମଚାରୀ ନିୟୋଜନ କରାଯିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ୬ ମାସ ମଧ୍ୟରେ ୮୦ଟି ଦୂରଗାମୀ ଯାତ୍ରୀବାହି ରେଳରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ହୋଇଛି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଶୌଚାଳୟ, କ୍ୟାବିନ୍, ଅଳିଆ ଡବାଗୁଡ଼ିକୁ ନିରନ୍ତର ଭାବେ ପରିଷ୍କାର କରାଯିବାକୁ ପଦକ୍ଷେପ ଗ୍ରହଣ କରାଯିବ । ସେ କହିଛନ୍ତି, ୧୮ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ସାମିଲ କରି ୩ ବର୍ଷ ମଧ୍ୟରେ ମୋଟ୍ ୧୨୪ଟି ଗତିଶକ୍ତି କାର୍ଗୋ ଟର୍ମିନାଲ୍ ପ୍ରତିଷ୍ଠା କରାଯିବ । ଫଳରେ ବହୁପକ୍ଷିୟ  ସଂଯୋଗ ବ୍ୟବସ୍ଥା ବୃଦ୍ଧି ପାଇବା ସହ ପରିଚାଳନାଗତ ଖର୍ଚ୍ଚ ହ୍ରାସ ପାଇବ । ଭାରତୀୟ ରେଳବାଇ ବିଶ୍ୱର ଦ୍ୱିତୀୟ ବୃହତମ ମାଲ୍‌ବାହି ପରିବହନକାରୀ ସଂସ୍ଥା ପାଲଟିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ଦଶନ୍ଧି ମଧ୍ୟରେ ରେଳବାଇ କ୍ଷେତ୍ରରେ ପ୍ରାୟ ୧୮୦ଟି ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି ।

## ଏସ୍‌ସି-ଏଆଇ ସମିଟ୍

ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା କୃତ୍ରିମ ବୁଦ୍ଧିମତା ଇମ୍ପାକ୍ଟ ଶିଖର ସମ୍ମିଳନୀ ପାଇଁ ଟ୍ରାଫିକ୍ ଭିଡ଼କୁ ଦୃଷ୍ଟିରେ ରଖି ସୁପ୍ରିମ୍‌କୋର୍ଟ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଆଭାସୀ ମାଧ୍ୟମରେ କୋର୍ଟ୍‌ରେ ହାଜର ହେବାକୁ ଆଇନ୍‌ଜୀବୀମାନଙ୍କୁ ଅନୁମତି ପ୍ରଦାନ କରିଛନ୍ତି । ସୁପ୍ରିମ୍‌କୋର୍ଟ୍ ବାର ଆସୋସିଏସନ୍ ଅନୁରୋଧ ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବ୍ୟକ୍ତିଗତ

ଭାବେ କୋର୍ଟରେ ହାଜର ହେବା ନେଇ ଅସୁବିଧାର ସମ୍ମୁଖୀନ ହେବାକୁ ଥିବା ଆଇନଜୀବୀଙ୍କୁ ଆଭାସୀ ମାଧ୍ୟମରେ ହାଜର ହେବା ନେଇ କୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଡଭୋକେଟ୍ ଅନ୍ ରେକର୍ଡ଼ସ୍‌ଙ୍କ ସହିତ ଆଭାସୀ ଲିଙ୍କ୍‌ଗୁଡ଼ିକ ପ୍ରଦାନ କରାଯିବ ବୋଲି ଏହି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । କୋର୍ଟ କହିଛନ୍ତି, ଆଭାସୀ ମାଧ୍ୟମରେ ଉପସ୍ଥିତ ହେବା ଆଇନଜୀବୀଙ୍କ ଇଚ୍ଛାଧୀନ ବ୍ୟାପାର ହେବ ଏବଂ ଏହି ସମୟ ମଧ୍ୟରେ ସମସ୍ତ ପୀଠ ହାଇବ୍ରିଡ୍ ମୋଡ୍‌ରେ କାର୍ଯ୍ୟ କରିବ ।

## ବାଂଲାଦେଶ-ମେଣ୍ଟେନିଂ ଲ'

ବାଂଲାଦେଶରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ଆଗାମୀ ସରକାର ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିବେ ବୋଲି ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ବି.ଏନ୍.ପି.ର ଅଧ୍ୟକ୍ଷ ତାରିକ ରହମାନ୍ କହିଛନ୍ତି । ସଂସଦୀୟ ନିର୍ବାଚନରେ ବି.ଏନ୍.ପି.ର ବିପୁଳ ବିଜୟ ପରେ ଢାକାରେ ନିର୍ବାଚନ ପରବର୍ତ୍ତୀ ପ୍ରଥମ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସେ କହିଛନ୍ତି, ଦେଶରେ କୌଣସି ପ୍ରକାର ଅରାଜକତାକୁ ବରଦାସ୍ତ କରାଯିବ ନାହିଁ । ରାଜନୈତିକ ଦଳଗୁଡ଼ିକୁ ସଂଯମତା ଏବଂ ଏକତା ପ୍ରଦର୍ଶନ କରିବା ଓ ଗଣତନ୍ତ୍ରକୁ ପୁନରୁଦ୍ଧାର କରିବାକୁ ଶ୍ରୀ ରହମାନ ଆହ୍ୱାନ ଦେଇଛନ୍ତି । ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବାରୁ ଶ୍ରୀ ରହମାନ ଆଇନ୍

ପ୍ରବର୍ତ୍ତନକାରୀ ସଂସ୍ଥା, ମଧ୍ୟବର୍ତ୍ତୀକାଳୀନ ସରକାର ଏବଂ ନିର୍ବାଚନ ଆୟୋଗଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି । କ୍ୟାବିନେଟ୍ ସଚିବ ଶେଖ୍ ଅବଦୁଲ୍ ରସିଦ୍ କହିଛନ୍ତି, ବୁଧବାର ସୁଧା ନୂତନ କ୍ୟାବିନେଟ୍ ସହିତ ମନ୍ତ୍ରିମଣ୍ଡଳ ଶପଥଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

## କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ତୃତୀୟ ମ୍ୟାଚ୍ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଜାରି ରହିଛି । ଅହମ୍ମଦାବାଦ ଠାରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ନ୍ୟୁଜିଲାଣ୍ଡକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି ।

ଆଜିର ପ୍ରଥମ ମ୍ୟାଚ୍‌ରେ ଆୟାର୍‌ଲାଣ୍ଡ’ ଓମାନ୍‌କୁ ୯୬ରନ୍‌ରେ ପରାସ୍ତ କରିଛି । କଲମ୍ବୋଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଆୟରଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ବିନିମୟରେ ୨୩୫ରନ୍ ସଂଗ୍ରହ କରିଥିଲା । ୨୩୬ରନ୍‌ର ବିଜୟ ଲକ୍ଷ୍ୟର ପିଛା କରି ଓମାନ୍ ୧୮ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୯ରନ୍ କରିବାକୁ ସକ୍ଷମ ହୋଇଥିଲା ।

କୋଲକାତା ଠାରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡ' ସ୍କଟ୍‌ଲାଣ୍ଡ ବିରୁଦ୍ଧରେ ୫ ଓ୍ୱିକେଟ୍‌ରେ ବିଜୟୀ ହୋଇଛି । ସ୍କଟ୍‌ଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୧୯ ଓଭର ୪ଟି ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୫୨ରନ୍ ସଂଗ୍ରହ କରିଥିଲା । ଇଂଲଣ୍ଡ ୧୮ ଓଭର ୨ଟି ବଲ୍‌ରେ ୫ଟି ଓ୍ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିପାରିଛି ।

## ବ୍ୟାଡ୍‌ମିଣ୍ଟନ୍

ବି.ଡବ୍ଲ୍ୟୁ.ଏଫ୍. ପାରା ବିଶ୍ୱ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ସିପ୍‌ରେ ପୁରୁଷ ଏସ୍.ଏଲ୍.ଥ୍ରୀ ବର୍ଗରେ ଭାରତର ପ୍ରମୋଦ ଭଗତ ସ୍ୱର୍ଣ୍ଣପଦକ ଜିତିଛନ୍ତି । ବାହାରିନ୍‌ଠାରେ ଖେଳାଯାଉଥିବା ଏହି ପ୍ରତିଯୋଗିତାର ଆଜିର ଏସ୍.ଏଲ୍.ଥ୍ରୀ ବର୍ଗର ଫାଇନାଲ୍ ମ୍ୟାଚ୍‌ରେ ଶ୍ରୀ ଭଗତ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମ୍ରାନ୍‌ଙ୍କୁ ୨୧-୧୨, ୨୧-୧୮ ପଏଣ୍ଟରେ ପରାସ୍ତ କରିଛନ୍ତି । ବିଶ୍ୱ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାରେ ଶ୍ରୀ ଭଗତଙ୍କର ଏହା କ୍ରମାଗତ ଚତୁର୍ଥ ଏକକ ସ୍ୱର୍ଣ୍ଣ ପଦକ । ଏସ୍.ଏଲ୍. ଥ୍ରୀ ବର୍ଗରେ ସେ ତାଙ୍କର ଷଷ୍ଠ ବିଶ୍ୱ ଟାଇଟଲ୍ ହାସଲ କରିଛନ୍ତି ।